ବୋରଗାରାମ ଦେଉରୀ

ବନାମ

ପ୍ରେମୋଧର ବୋରା ଏବଂ ଅନ୍ୟଜଣେ

ଜାନୁଆରୀ 5, 2004

[ପ୍ରଧାନ ନ୍ୟାୟଧୀଶ ଭି. ଏନ୍. ଖାରେ, ଏବଂ ଏସ୍. ବି. ସିନ୍ହା, ନ୍ୟାୟମୂର୍ତ୍ତି]

*ଜନ ପ୍ରତିନିଧି ଅଧିନିୟମ, 1951- ଧାରା 123 (3), 123 (3A) ଏବଂ 83- ନିର୍ବାଚନ ଆବେଦନ- ଭ୍ରଷ୍ଟାଚାର ହୋଇଥିବା ଅଭିଯୋଗ- ସାମ୍ପ୍ରଦାୟିକ ଭିତ୍ତିରେ ବିଦ୍ୱେଷ ମନୋଭାବ ପ୍ରସାର କରିବା- ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହୋଇନାହିଁ- ସଠିକତା- ନିର୍ଣ୍ଣୟ ହୋଇଛି:ଭ୍ରଷ୍ଟାଚାର ଅଭିଯୋଗଗୁଡ଼ିକ ଧାରା ୮୩ ଅନୁଯାୟୀ କଠୋର ଭାବରେ ଉପସ୍ଥାପନ କରାଯିବା ଆବଶ୍ୟକ ଏବଂ ସମସ୍ତ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହେବା ଉଚିତ୍- ନିର୍ବାଚନ ଆବେଦନକାରୀ, ବିଜୟୀ ପ୍ରାର୍ଥୀଙ୍କ ବିରୁଦ୍ଧରେ ଭ୍ରଷ୍ଟାଚାର ଅଭିଯୋଗକୁ ନିର୍ଭରଯୋଗ୍ୟ ଏବଂ ବିଶ୍ୱାସଯୋଗ୍ୟ ପ୍ରମାଣ ସହିତ ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି- ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ନ୍ୟାୟସଙ୍ଗତ ।*

**ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଗୋଟିଏ ନିର୍ବାଚନମଣ୍ଡଳୀରୁ ପ୍ରଥମ ଉତ୍ତରଦାତାଙ୍କୁ ନିର୍ବାଚିତ ଘୋଷଣା କରାଯାଇଥିଲା । ଜନ ପ୍ରତିନିଧି ଅଧିନିୟମ 123 (3) ଏବଂ 123 (3A) ଅନୁଯାୟୀ ଉତ୍ତରଦାତା ସଂଖ୍ୟା 1ଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣି ଆବେଦନକାରୀ ନିର୍ବାଚନ ଆବେଦନ ଦାଖଲ କରିଥିଲେ । ଏଭଳି ଅଭିଯୋଗ ହୋଇଛି ଯେ, ବିଭିନ୍ନ ସଭାସମିତିରେ ଉତ୍ତରଦାତା ସଂଖ୍ୟା 1 ଏବଂ ତାଙ୍କ ଲୋକମାନେ, ଜନସାଧାରଣଙ୍କୁ ସମ୍ବୋଧିତ କରି ଉତ୍ତରଦାତା ସଂଖ୍ୟା 1 ଙ୍କୁ ମତଦାନ କରିବାକୁ ଏବଂ ଆବେଦନକାରୀ ଅନୁସୂଚିତ ଜନଜାତି  ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ମତଦାନ ନକରିବାକୁ ନିବେଦନ କରି ଭାଷଣ ଦେଇଥିଲେ । ନଥିରେ ଥିବା ପ୍ରମାଣକୁ ବିଶ୍ଳେଷଣ କରି ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ, ଅଭିଯୋଗ, ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହୋଇନାହିଁ ଏବଂ ଆବେଦନକୁ ଖାରଜ କରିଦେଇଛନ୍ତି । ତେଣୁ ବର୍ତ୍ତମାନର ଏହି  ଆବେଦନ ।**

**ଆବେଦନକାରୀ ଯୁକ୍ତି ବାଢ଼ିଥିଲେ ଯେ ଦୁର୍ନୀତି ଅଭିଯୋଗ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହୋଇନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟବେକ୍ଷଣରେ ତ୍ରୁଟି କରିଛନ୍ତି; ଏପରିକି ଉଚ୍ଚ ନ୍ୟାୟାଳୟ ସମ୍ବାଦପତ୍ରରେ ପ୍ରକାଶିତ ଖବରକୁ ମଧ୍ୟ  ବିଚାରକୁ ନେଇନାହାଁନ୍ତି ଯାହା ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଦିଆଯାଇଥିବା ଭାଷଣର ବିଷୟବସ୍ତୁକୁ ପ୍ରମାଣିତ କରିଥାନ୍ତା, ଯେଉଁଥିରେ ବକ୍ତାମାନେ ମତଦାତାମାନଙ୍କୁ ଆବେଦନକାରୀଙ୍କ ସପକ୍ଷରେ ମତଦାନ ନକରିବାକୁ କହିଥିଲେ ଏବଂ ଏହା ଏକ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କ ବିରୁଦ୍ଧରେ ବିଦ୍ୱେଷ ଭାବ ପ୍ରସାର କରିବା ପାଇଁ କରାଯାଇଥିଲା ଯାହା ଭ୍ରଷ୍ଟାଚାର ସହ ସମାନ; ଏବଂ ଜଣେ ସାକ୍ଷୀ କୌଣସି ପକ୍ଷଙ୍କ ପ୍ରତି ଆଗ୍ରହୀ ହେବା, ତାଙ୍କୁ ଅବିଶ୍ୱାସ କରିବାର ଆଧାର ହୋଇପାରିବ ନାହିଁ କାରଣ କିଛି ସାକ୍ଷୀ ସତ୍ୟ କହିବା ପାଇଁ ମଧ୍ୟ ଆଗ୍ରହୀ ହୋଇଥାଇପାରନ୍ତି ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

ନିର୍ଣ୍ଣୟ ନେଇଛନ୍ତି ଯେ: **1.** ଭ୍ରଷ୍ଟାଚାର ଅଭିଯୋଗଗୁଡ଼ିକ ଲୋକ ପ୍ରତିନିଧି ଅଧିନିୟମ, **1951**ର ଧାରା **123 (3)** ଏବଂ **123 (3ଏ)** ରେ ଥିବା ବ୍ୟବସ୍ଥାଗୁଡ଼ି ସହିତ ଅନୁରୂପ ହେବା ଆବଶ୍ୟକ । ଅଧିନିୟମର ଧାରା **83** ଅନୁଯାୟୀ, ଏହାକୁ କଠୋର ଭାବରେ ଉପସ୍ଥାପନ କରାଯିବା ଉଚିତ ଏବଂ ସମସ୍ତ ଯଥୋଚିତ ସନ୍ଦେହ ବାହାରେ ପ୍ରମାଣିତ ହେବା ଉଚିତ । ଭ୍ରଷ୍ଟାଚାର ଅଭିଯୋଗଗୁଡିକୁ ଅର୍ଦ୍ଧ-ଅପରାଧିକ ପ୍ରକୃତିର ବୋଲି ବିବେଚନା କରାଯାଏ । ଭ୍ରଷ୍ଟାଚାର ପ୍ରମାଣ କରିବା ପାଇଁ ଆବଶ୍ୟକ ପ୍ରମାଣର ମାନଦଣ୍ଡ, ଏକ ଫୌଜଦାରୀ ମାମଲାରେ ଆବଶ୍ୟକ ପ୍ରମାଣର ମାନଦଣ୍ଡ ସହିତ ସମାନ । ଏକ ନିର୍ବାଚନ ଆବେଦନ ଏବଂ ଏକ ଅପରାଧିକ ବିଚାର ମଧ୍ୟରେ ପାର୍ଥକ୍ୟ ହେଉଛି, ଯେତେବେଳେ ଜଣେ ଅଭିଯୁକ୍ତର ନୀରବ ରହିବାର ସ୍ୱାଧୀନତା ଅଛି, ଏକ ନିର୍ବାଚନ ଆବେଦନର ବିଚାର ସମୟରେ ନିର୍ବାଚିତ ପ୍ରାର୍ଥୀଙ୍କୁ ନ୍ୟାୟାଳୟରେ ନିଜର ପକ୍ଷ ରଖିବାକୁ ପଡିବ ଏବଂ ନ୍ୟାୟାଳୟଙ୍କୁ ସନ୍ତୁଷ୍ଟ କରିବାକୁ ପଡିବ ଯେ ସେ ଭ୍ରଷ୍ଟାଚାର କରିନାହାଁନ୍ତି ଯେପରି ଆବେଦନରେ ଅଭିଯୋଗ କରାଯାଇଛି । ନିର୍ବାଚନ ଆବେଦନକାରୀ ନିର୍ବାଚନ ଆବେଦନରେ ତାଙ୍କ ସୂଚନାର ଉତ୍ସକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରିବା ଆବଶ୍ୟକ । ନିର୍ବାଚିତ ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗଗୁଡ଼ିକୁ ପ୍ରମାଣିତ କରିବା ପାଇଁ ସେ ଯଦି ପୁଙ୍ଖାନୁପୁଙ୍ଖ ଏବଂ ନିର୍ଭରଯୋଗ୍ୟ ପ୍ରମାଣ ଉପସ୍ଥାପନ କରନ୍ତି, ତେବେ କେବଳ ସେତେବେଳେ ତାଙ୍କ ଦାୟିତ୍ୱ ପୂରଣ ହୋଇଛି ବୋଲି କୁହାଯାଇପାରିବ । ଅଭିଯୋଗଗୁଡିକ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହେବା ଆବଶ୍ୟକ ଏବଂ କେବଳ ଦେୱାନୀ କାର୍ଯ୍ୟାନୁଷ୍ଠାନ ପରି ସମ୍ଭାବନାର ପ୍ରାଧାନ୍ୟ ଦ୍ୱାରା ନୁହେଁ ।

*ଗଜାନନ କୃଷ୍ଣାଜୀ ବାପଟ ଏବଂ ଅନ୍ୟଜଣେ ବନାମ ଦତ୍ତାଜୀ ରାଘୋବାଜୀ ମେଘେ ଏବଂ ଅନ୍ୟମାନେ,* ଏଆଇଆର **[1995]** ଏସସି **2284;** *ସୁରିନ୍ଦର ସିଂହ ବନାମ ହରଦିଆଲ ସିଂହ ଏବଂ ଅନ୍ୟମାନେ,* **[1985] 1** ଏସସିଆର **1059;** ଆର୍. ପି. ମୋଇଦୁତ୍ତି ବନାମ ପି.ଟି. କୁଞ୍ଜୁ ମହମ୍ମଦ ଏବଂ ଅନ୍ୟଜଣେ, **[2001] 1** ଏସସିସି **481** ଏବଂ *ମର୍ସିକୁଟ୍ଟି ଆମ୍ମା ବନାମ କାଦଭୁର ଶିବଦାସନ୍ ଏବଂ ଅନ୍ୟଜଣେ,* **[2003]** ଏଆଇଆର୍ ଏସସିଡବ୍ଲ୍ୟୁ **6306** ମାମଲା ଉପରେ ନିର୍ଭର କରାଯାଇଥିଲା ।

**2.** ବର୍ତ୍ତମାନ ମାମଲାରେ, ଆବେଦନକାରୀ-ନିର୍ବାଚନ ଆବେଦନକାରୀଙ୍କ ଦ୍ୱାରା ତାଙ୍କ ଅଭିଯୋଗର ସମର୍ଥନରେ ଯାଞ୍ଚ କରାଯାଇଥିବା ସାକ୍ଷୀମାନେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ବିଶ୍ୱାସ ଯୋଗ୍ୟ ନୁହଁନ୍ତି ବୋଲି ଦର୍ଶାଯାଇଥିଲା । ନିର୍ବାଚନ ଆବେଦନକାରୀଙ୍କ ଦ୍ୱାରା ଗାଁର କୌଣସି ସ୍ୱାଧୀନ ସାକ୍ଷୀଙ୍କୁ ପରୀକ୍ଷା କରାଯାଇ ନଥିଲା । ସାମ୍ପ୍ରଦାୟିକ ଆଧାରରେ ବିଦ୍ୱେଷ ପ୍ରସାର କରିବା ଏକ ଅପରାଧ ଅଟେ, କିନ୍ତୁ ଆବେଦନକାରୀ କୌଣସି ଏତଲା ରୁଜୁ କରିନଥିଲେ ଏବଂ ଘଟଣା ସମୟର କୌଣସି ଦସ୍ତାବିଜ୍ ସମ୍ବନ୍ଧୀୟ ପ୍ରମାଣକୁ ନଥିଭୁକ୍ତ କରାଯାଇନାହିଁ । ସାମ୍ବାଦିକଙ୍କୁ ଜେରା ଦ୍ୱାରା ଏହି ଖବରର ସତ୍ୟାସତ୍ୟ ପ୍ରମାଣ ହୋଇନାହିଁ, ତାହାକୁ ସାକ୍ଷୀଙ୍କ ବୟାନ ଆଧାରରେ ଯେ, ଖବରକାଗଜରେ ଏହି ଖବର ପ୍ରକାଶ ପାଇଛି, ତାକୁ ଆଇନଗତ ଭାବେ ପ୍ରମାଣିତ ତଥ୍ୟ ଭାବେ ପ୍ରଦର୍ଶ କରାଯାଇପାରିବ ନାହିଁ । ତେଣୁ, ପ୍ରମାଣରେ ଏହା ଗ୍ରହଣୀୟ ହୋଇନଥିଲା । ଅନ୍ୟଥା, କଥିତ ଭ୍ରଷ୍ଟାଚାର ଯେଉଁ ଢଙ୍ଗରେ ଘଟିଛି ବୋଲି କୁହାଯାଉଛି, ତାହା ବିଶ୍ୱାସଯୋଗ୍ୟ ନୁହେଁ । ତାଲିକାଭୁକ୍ତ ସାକ୍ଷୀଙ୍କୁ ମଧ୍ୟ ପଚରାଉଚରା କରାଯାଇ ନଥିଲା । ଆବେଦନକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ଅନ୍ୟ ସାକ୍ଷୀମାନଙ୍କ ନାମ, ଆବେଦନକାରୀଙ୍କ ଦ୍ୱାରା ପୂର୍ବରୁ ଦାଖଲ କରାଯାଇଥିବା ସାକ୍ଷୀମାନଙ୍କ ତାଲିକାରେ ନଥିଲା । ଅଧିକନ୍ତୁ, ଆଗ୍ରହୀ ସାକ୍ଷୀଙ୍କ ବୟାନକୁ ବିଚାର କରିବା ସମୟରେ ଅଦାଲତ ସତର୍କ ରହିବା ଉଚିତ ଏବଂ ସେମାନଙ୍କର ସାକ୍ଷ୍ୟକୁ ଅତି ସୂକ୍ଷ୍ମ ଭାବେ ଯାଞ୍ଚ କରାଯିବା ଆବଶ୍ୟକ, ଉଚ୍ଚ ନ୍ୟାୟାଳୟ ସାକ୍ଷୀଙ୍କ ପ୍ରମାଣକୁ ବିଶ୍ୱାସକୁ ନେଇନାହାନ୍ତି । ତେଣୁ, ଆବେଦନକାରୀ ସ୍ପଷ୍ଟ ପ୍ରମାଣ ଉପସ୍ଥାପନ କରି ପ୍ରଥମ ଉତ୍ତରଦାତାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗକୁ ପ୍ରମାଣ କରିବାରେ ସକ୍ଷମ ହୋଇନଥିଲେ, ଯାହା ସମ୍ପୂର୍ଣ୍ଣ ବିଶ୍ୱସନୀୟ ଏବଂ ଭରସାଯୋଗ୍ୟ ବୋଲି

**କୁହାଯାଇପାରେ । ସେମାନେ ଭ୍ରଷ୍ଟାଚାର ଅଭିଯୋଗକୁ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣ କରିବାରେ ବିଫଳ ହୋଇଥିଲେ । ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ରାୟରେ ତ୍ରୁଟି ଅଛି ବୋଲି କୁହାଯାଇପାରିବ ନାହିଁ ।**

*ବୀରବଲ ସିଂହ ବନାମ କେଦାର ନାଥ,* **[1976] 4 ଏସସିସି 691, ମାମଲା ଉପରେ ନିର୍ଭର କରାଯାଇଥିଲା ।**

**କମରୁଲ୍ ଇସ୍ଲାମ୍ ବନାମ ଏସ୍. କେ. କାନ୍ତା ଏବଂ ଅନ୍ୟମାନେ, [1994] ଏସୟୁପିପି.3 ଏସସିସି 5, ମାମଲାକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1300/2003

19.12.2002 ରେ ଗୌହାଟୀ ଉଚ୍ଚ ନ୍ୟାୟାଳୟଙ୍କ ଇ.ପି. ସଂଖ୍ୟା 8/2001 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏସ୍. ବି. ସାନ୍ୟାଲ, ମନୀଷ ସିଂଭି ଏବଂ ରାମେଶ୍ୱର ପ୍ରସାଦ ଗୋୟଲ ଆବେଦନକାରୀଙ୍କ ପାଇଁ ।

ପି. କେ. ଗୋସ୍ୱାମୀ, ରାଜୀବ ମେହେଟ୍ଟା, ରାଜୀବ ମାଲହୋତ୍ରା ଏବଂ ବି. ଅଗ୍ରୱାଲା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଏସ୍. ବି. ସିନ୍ହାଙ୍କ** ଦ୍ୱାରା । ନିର୍ବାଚନ ଆବେଦନକାରୀ ଏଠାରେ ଆବେଦନକାରୀ ଅଟନ୍ତି । ସେ 10.5.2001 ରେ ଅନୁଷ୍ଠିତ ହୋଇଥିବା ନିର୍ବାଚନ ଏବଂ 13 ମଇ 2001ରେ ଘୋଷିତ ଏହି ନିର୍ବାଚନର ଫଳାଫଳକୁ ଆପତ୍ତି କରି ଉକ୍ତ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ ପ୍ରଥମ ଉତ୍ତରଦାତାଙ୍କୁ ଆସାମ ବିଧାନସଭା ସାଧାରଣ ନିର୍ବାଚନରେ 109 ବିହପୁରିଆ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା ।

ଜନପ୍ରତିନିଧି ଅଧିନିୟମ, 1951 ର ଧାରା 123 (3) ଏବଂ ଧାରା 123 (3A) ଅନୁଯାୟୀ ପ୍ରଥମ ଉତ୍ତରଦାତାଙ୍କ ବିରୋଧରେ ଭ୍ରଷ୍ଟାଚାର ହୋଇଥିବା, ଆବେଦନକାରୀ ଦର୍ଶାଇଛନ୍ତି ।

ଏହି ଆବେଦନରେ କଥିତ ଭ୍ରଷ୍ଟାଚାରର ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଯାଇଛି:

(i) "ଅପରାହ୍ନ ପ୍ରାୟ 2ଟା ସମୟରେ, ଯେତେବେଳେ ଆବେଦନକାରୀ ଶିବ ମନ୍ଦିର (କୁଣ୍ଡି ମାମା ମନ୍ଦିର) ଦର୍ଶନ କରି ବାହଗୋରା ଦେଉରୀଗାଁରୁ ବିଫୁରିଆ ସହରକୁ ଏକ ଟାଟା ସୁମୋ ଗାଡ଼ିରେ (ଭଡ଼ା) ନିଜ ପତ୍ନୀ ଏବଂ ଦଳୀୟ କର୍ମୀ ଶ୍ରୀ ଲଖି କାନ୍ତ ହଜାରିକା ଓ ଶ୍ରୀ ଗିରିଧର ଗୋହାଇଁଙ୍କ ସହ ଆସୁଥିଲେ, ସେତେବେଳେ ସେମାନେ ବାଟରେ ବିଫୁରିଆ ଥାନା ଅନ୍ତର୍ଗତ ସାଛାପୁରଠାରେ ଥିବା ରଙ୍ଗମଞ୍ଚର ମଞ୍ଚ ଉପରୁ ଉତ୍ତରଦାତା ସଂଖ୍ୟା 1 ଶ୍ରୀ ପ୍ରେମୋଧର ବୋରା ନିଜ ନିର୍ବାଚନ ପ୍ରଚାରର ଅଂଶବିଶେଷ ଭାବରେ ପ୍ରାୟ 200 ଜଣ ଲୋକଙ୍କ ସମାବେଶକୁ ସମ୍ବୋଧନ କରୁଥିବାର ସେମାନେ ଦେଖିଥିଲେ । ଆବେଦନକାରୀ କିଛି ସମୟ ପାଇଁ ସେଠାରେ ଅଟକିଥିଲେ ଏବଂ ଉତ୍ତରଦାତା ସଂଖ୍ୟା 1, ନିର୍ବାଚିତ ପ୍ରାର୍ଥୀଙ୍କୁ ଶୁଣିଥିଲେ, ଯିଏକି ସମାବେଶକୁ ସମ୍ବୋଧିତକରି ଉତ୍ତରଦାତା/ନିର୍ବାଚିତ ପ୍ରାର୍ଥୀଙ୍କୁ ମତଦାନ

କରିବାକୁ ନିବେଦନ କରିଥିଲେ ଏବଂ ଆବେଦନକାରୀ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବୋଲି ଦର୍ଶାଇ ଆବେଦନକାରୀଙ୍କୁ ମତଦାନ ନକରିବାକୁ ପ୍ରବର୍ତ୍ତାଇଥିଲେ, ପୁନଶ୍ଚ ସେ "ବିଫୁରିଆ ବଞ୍ଚାଅ" ନାରା ଦେଇଥିଲେ । ଉତ୍ତରଦାତା ସଂଖ୍ୟା 1 ମଧ୍ୟ ସମାବେଶର ସଦସ୍ୟମାନଙ୍କୁ 'ଅନୁସୂଚିତ ଜନଜାତି ସମ୍ପ୍ରଦାୟ' ର କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ଠାରୁ ଦୂରେଇ ରହିବାକୁ ନିବେଦନ କରିଥିଲେ ।109 ବିଫୁରିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଶତ୍ରୁତା ଏବଂ ଘୃଣାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍ତରଦାତା ସଂଖ୍ୟା 1 ଏହି ନିବେଦନ କରିଥିଲେ ।ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଉପରୋକ୍ତ ବୈଠକରେ ଉତ୍ତରଦାତା ସଂଖ୍ୟା 1 ତାଙ୍କ କର୍ମୀ ଶ୍ରୀ ଘନକାନ୍ତ ବରୁଆ ଏବଂ ଶ୍ରୀ ମନୋରଞ୍ଜନ ଶର୍ମାଙ୍କ ସହ ଥିଲେ ଏବଂ ସେମାନେ ମଧ୍ୟ ଉତ୍ତରଦାତା ସଂଖ୍ୟା 1 ଙ୍କୁ ମତଦାନ କରିବା ଏବଂ ଆବେଦନକାରୀ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ବୋଲି ଦର୍ଶାଇ ଆବେଦନକାରୀଙ୍କ ସପକ୍ଷରେ ମତଦାନ ନକରିବା ପାଇଁ ନିର୍ଦ୍ଦିଷ୍ଟ ନାରା ସହିତ ସମାବେଶରେ ଭାଷଣ ଦେଇଥିଲେ । ଉତ୍ତରଦାତା ସଂଖ୍ୟା 1 ଏବଂ ତାଙ୍କର ଉକ୍ତ ଦୁଇଜଣ କର୍ମୀ ଉପରୋକ୍ତ ନାରା ଲଗାଇଥିଲେ ଏବଂ ସଦସ୍ୟମାନଙ୍କୁ ଉତ୍ତରଦାତା ସଂଖ୍ୟା 1 ଙ୍କ ସପକ୍ଷରେ ମତଦାନ କରିବା ପାଇଁ ଏବଂ ଆବେଦନକାରୀଙ୍କ ନିର୍ବାଚନ ଜିତିବା ସମ୍ଭାବନାରେ କ୍ଷତି ପହଞ୍ଚାଇବା ସହ ଉତ୍ତରଦାତା ସଂଖ୍ୟା 1 ଙ୍କ ନିର୍ବାଚନ ଜିତିବା ସମ୍ଭାବନାକୁ ବୃଦ୍ଧି କରିବା ପାଇଁ ଆବେଦନକାରୀଙ୍କ ସପକ୍ଷରେ ମତଦାନ କରିବାକୁ ଅନୁରୋଧକରିଥିଲେ ।

(ii) 1.5.2001 ରେ, ଉତ୍ତରଦାତା ସଂଖ୍ୟା 1 ଶ୍ରୀ ପ୍ରେମଧର ବୋରାଲୋଙ୍ଗ ଏବଂ ଶ୍ରୀ ମନୋରଞ୍ଜନ ଶର୍ମା ଏବଂ ଘନକାନ୍ତ ବରୁଆ ଉଭୟ ଶ୍ରୀ ପ୍ରେମୋଧର (ଉତ୍ତରଦାତା ସଂଖ୍ୟା 1) ଙ୍କ ଗଣନା ପ୍ରତିନିଧି ଏବଂ ସରକାରୀ କର୍ମଚାରୀ ମଧ୍ୟ ଉଭୟ ବିହପୁରିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ, ଜାମୁଗୁରିର ନେହେରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ, ପ୍ରାୟ ଅପରାହ୍ନ 1 ଟା ସମୟରେ ରାଇଡୋଙ୍ଗିଆ ନାମଘର ଗ୍ରାମରେ ଏକ ବୈଠକ ଆୟୋଜନ କରିଥିଲେ ଯେଉଁଠାରେ ପ୍ରାୟ 200 ମତଦାତା, ଉକ୍ତ ବୈଠକରେ ଯୋଗ ଦେଇଥିଲେ । ସଭାରେ, ଉତ୍ତରଦାତା ସଂଖ୍ୟା 1 ଶ୍ରୀ ପ୍ରେମୋଧର ବୋରା ଏବଂ ଅନ୍ୟ ଦୁଇଜଣ ବ୍ୟକ୍ତି ଯଥାକ୍ରମେ ଭାଷଣ ଦେଇଥିଲେ ଏବଂ ଡାକବାଦୀ ଯନ୍ତ୍ର ବ୍ୟବହାର କରି ଉପସ୍ଥିତ ଲୋକଙ୍କୁ ତଥା ସାଧାରଣ ଜନତାଙ୍କୁ ଉତ୍ତରଦାତା ସଂଖ୍ୟା 1 ଙ୍କୁ (ପ୍ରେମୋଧର ବୋରା) ମତଦାନ କରିବାକୁ ଏବଂ ଆବେଦନକାରୀ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ହୋଇଥିବାରୁ ତାଙ୍କୁ ମତଦାନ ନକରିବାକୁ ନିବେଦନ କରିଥିଲେ । ଏହି ଆବେଦନ ଉତ୍ତରଦାତା ସଂଖ୍ୟା 1 ଏବଂ ସେଠାରେ ଉପସ୍ଥିତ ଥିବା ତାଙ୍କର ଦୁଇ ପ୍ରତିନିଧିଙ୍କ ଦ୍ୱାରା ଉତ୍ତରଦାତା ସଂଖ୍ୟା 1 ଙ୍କ ନିର୍ବାଚନରେ ଜିତିବା ସମ୍ଭାବନାକୁ ନିଶ୍ଚିତ କରାଇବା ଏବଂ ନିର୍ବାଚନରେ ଆବେଦନକାରୀଙ୍କ ଜିତିବା ସମ୍ଭାବନାକୁ ପକ୍ଷପାତପୂର୍ଣ୍ଣ ଭାବରେ ପ୍ରଭାବିତ କରିବା ପାଇଁ କରାଯାଇଥିଲା ।ଶ୍ରୀ ଗିରିଧର ଗୋହେନ, ଦିବ୍ୟଜ୍ୟୋତି ଭୂୟାଁ ଏବଂ ଅନ୍ୟ କଂଗ୍ରେସ କର୍ମୀମାନେ ଏହି ବୈଠକକୁ ଦେଖିଥିଲେ ଏବଂ ସ୍ପଷ୍ଟ ଭାବେ ଦେଖିଥିଲେ ଯେ ଉତ୍ତରଦାତା ସଂଖ୍ୟା 1, ଉପରୋକ୍ତ ଭାଷାକୁ ପ୍ରୟୋଗ କରି, ନିର୍ବାଚନରେ ଆବେଦନକାରୀଙ୍କ ଜିତିବା ସମ୍ଭାବନା ଉପରେ ପ୍ରତିକୂଳ ପ୍ରଭାବ ପକାଇଛନ୍ତି ।

(iii) 7.5.2001 ରେ, ଉତ୍ତରଦାତା ସଂଖ୍ୟା 1 ଶ୍ରୀ ଘନକାନ୍ତ ବରୁଆ ଏବଂ ମନୋରଞ୍ଜନ ଶର୍ମା ଏବଂ ଅନ୍ୟମାନଙ୍କ ସହିତ ମିଶି, ବିହପୁରିଆ ସହରର ୱାର୍ଡ ସଂଖ୍ୟା 4 ରେ ଥିବା ଏକ ବଜାର ଘରେ, ସନ୍ଧ୍ୟା ପ୍ରାୟ 6 ଟା ସମୟରେ ଏକ ବୈଠକ କରିଥିଲେ ଯେଉଁଥିରେ ଉକ୍ତ ଅଞ୍ଚଳର ପ୍ରାୟ 150 ମତଦାତା ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଉତ୍ତରଦାତା ସଂଖ୍ୟା 1, ବୈଠକରେ ଉପସ୍ଥିତ ବ୍ୟକ୍ତି ଏବଂ ବଜାରର ବ୍ୟବସାୟୀମାନଙ୍କୁ, ତାଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଥିଲେ ଏବଂ ଆବେଦନକାରୀ ଜଣେ ଏସ୍. ଟି. ପ୍ରାର୍ଥୀ ଏବଂ ଯଦି ସେ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୁଅନ୍ତି, ତେବେ ନିର୍ବାଚନମଣ୍ଡଳୀକୁ ଏସ୍. ଟି. ସମ୍ପ୍ରଦାୟ ପାଇଁ ସଂରକ୍ଷିତ କରାଯିବ ବୋଲି ଦର୍ଶାଇ ଆବେଦନକାରୀଙ୍କ ସପକ୍ଷରେ ମତଦାନରୁ ନିବୃତ୍ତ ରହିବାକୁ ବିଶେଷ ଭାବରେ ନିବେଦନ କରିଥିଲେ । ଏହି ଶବ୍ଦ ଦ୍ୱାରା ଉତ୍ତରଦାତା ସଂଖ୍ୟା 1, ସେହି ଅଞ୍ଚଳର ବିଭିନ୍ନ ଶ୍ରେଣୀର ଲୋକଙ୍କ ମଧ୍ୟରେ ଶତ୍ରୁତା ଏବଂ ବିଦ୍ୱେଷ ଭାବନା ପ୍ରସାର କରିଛନ୍ତି, ଯାହା ଆବେଦନକାରୀଙ୍କ ନିର୍ବାଚନକୁ ପ୍ରତିକୂଳ ଭାବେ ପ୍ରଭାବିତ କରିଛି । ଶ୍ରୀ ରୋହିଣୀ ଭୂୟାଁ, କାର୍ଯ୍ୟକାରୀ ସଭାପତି, ମଣ୍ଡଳ କଂଗ୍ରେସ ସମିତି, ବିହପୁରିଆ ଏବଂ ଶ୍ରୀ ସାଲାଉଦ୍ଦିନ, ଜଣେ କଂଗ୍ରେସ କର୍ମୀ ଏହି ବୈଠକକୁ ଦେଖିଥିଲେ ଏବଂ ଘନକାନ୍ତ ବରୁଆ ଏବଂ ମନୋରଞ୍ଜନ ଶର୍ମାଙ୍କ ଭାଷଣ ଶୁଣିଥିଲେ ।

ଏଠାରେ ପ୍ରଥମ ଉତ୍ତରଦାତା ତାଙ୍କ ଲିଖିତ ବିବୃତିରେ ଉକ୍ତ ଅଭିଯୋଗକୁ ଅସ୍ୱୀକାର କରିଥିଲେ ଏବଂ ବିରୋଧ କରିଥିଲେ । ପକ୍ଷମାନେ ଉଚ୍ଚ ନ୍ୟାୟାଳୟରେ ନିଜ ନିଜର ପ୍ରମାଣ ଉପସ୍ଥାପନ କରିଥିଲେ । ନିର୍ବାଚନ ଆବେଦନରେ କରାଯାଇଥିବା ଅଭିଯୋଗ, ଅଧିନିୟମର ଧାରା 123 (3) ଏବଂ 123 (3) (A) ର ଅର୍ଥ ମଧ୍ୟରେ ଭ୍ରଷ୍ଟାଚାର ହୋଇଛି ବୋଲି ଉଚ୍ଚ ନ୍ୟାୟାଳୟ ଏହି ଆଧାରରେ ଅଗ୍ରସର ହୋଇଥିଲେ ।

25.4.2001 ତାରିଖର ବୈଠକ ସମ୍ବନ୍ଧରେ, ଏହା ନିର୍ଣ୍ଣୟ ହୋଇଥିଲା ଯେ:

"8. ତା 25-4-2001ରିଖରେ ସାନ୍ତାପୁର ରଙ୍ଗମଞ୍ଚଠାରେ ଅନୁଷ୍ଠିତ ସଭା ଏବଂ ସେଥିରେ ଦିଆଯାଇଥିବା ଭାଷଣଗୁଡ଼ିକ ସମ୍ବନ୍ଧରେ ଉଭୟ ପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣ ଏବଂ ପ୍ରତି-ପ୍ରମାଣର ବିଶ୍ଳେଷଣରୁ ଜଣାପଡୁଛି ଯେ, ଉଭୟ ପକ୍ଷଙ୍କ ପ୍ରମାଣ, ଅନେକ ଅସଙ୍ଗତି ଏବଂ ଅସମ୍ଭାବ୍ୟତାରେ ପରିପୂର୍ଣ୍ଣ । ଉଭୟ ପକ୍ଷଙ୍କ ଦ୍ୱାରା ଉପସ୍ଥାପିତ ପ୍ରମାଣରେ କେତେକ ଅପ୍ରାକୃତିକ ଦିଗ ପରିଲକ୍ଷିତ ହେଉଛି । ନଥିରେ ଏପରି କିଛି ନାହିଁ, ଯାହା ଦ୍ୱାରା ଗୋଟିଏ ପକ୍ଷର କଥାକୁ ସମ୍ପୂର୍ଣ୍ଣ ଅସମ୍ଭବ ଏବଂ ଅନ୍ୟ ପକ୍ଷର କଥାକୁ ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ବୋଲି ଧରି ନିଆଯାଇପାରିବ । ଉଭୟ ପକ୍ଷରୁ ପରୀକ୍ଷା କରାଯାଇଥିବା ସାକ୍ଷୀମାନେ ପକ୍ଷପାତିତା ଚରିତ୍ରର ଏବଂ କୌଣସି ପକ୍ଷରୁ କୌଣସି ନିରପେକ୍ଷ ସାକ୍ଷୀଙ୍କୁ ପରୀକ୍ଷା କରାଯାଇ ନାହିଁ । ନିର୍ବାଚିତ ପ୍ରାର୍ଥୀଙ୍କ ଦ୍ୱାରା ନିର୍ବାଚନରେ ଭ୍ରଷ୍ଟାଚାର ଅଭିଯୋଗର ସତ୍ୟତା ନିରୂପଣ କରିବା ପାଇଁ ଏହି ରାୟର ପୂର୍ବ ଅଂଶରେ ସ୍ଥିର କରାଯାଇଥିବା ନୀତିଗୁଡ଼ିକୁ ମନେରଖି, ଏବଂ ଏହିପରି ଅଭିଯୋଗକୁ ସନ୍ଦେହର ଉର୍ଦ୍ଧ୍ୱରେ ପ୍ରମାଣିତ କରାଯିବା ଆବଶ୍ୟକ ତଥ୍ୟକୁ ବିଚାରକୁ ନେଇ, ମୁଁ ଏହି ମତ ପୋଷଣ କରୁଛି ଯେ, ନଥିରେ ଥିବା ପ୍ରମାଣ ଅନୁଯାୟୀ, ପ୍ରଥମ ପ୍ରସଙ୍ଗ ଉପରେ ନକାରାତ୍ମକ ମତ ଦିଆଯିବା ଉଚିତ ଏବଂ ଏହା, ନିର୍ବାଚନ ଆବେଦନକାରୀଙ୍କ ବିରୁଦ୍ଧରେ ଯାଉଛି ।"

1.5.2001 ରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ବୈଠକରେ, ଏହିପାରି ନିର୍ଣ୍ଣୟ ହୋଇଥିଲା:

"10.ପ୍ରତିପକ୍ଷଙ୍କ ତରଫରୁ ଆଗତ ଯୁକ୍ତି ଏବଂ ପ୍ରତି-ଯୁକ୍ତିକୁ ଯଥାର୍ଥ ଭାବରେ ବିଚାର କରାଯାଇଛି । ପୁଣି ଥରେ, ନଥିରେ ଥିବା ପ୍ରମାଣର ବିଶ୍ଳେଷଣରୁ ଯେଉଁ ଚୂଡ଼ାନ୍ତ ଚିତ୍ର ସାମ୍ନାକୁ ଆସିଛି ତାହା ହେଉଛି ଏକ ପକ୍ଷ ଦ୍ୱାରା ଏକ ଘଟଣା ଘଟିଥିବାର ସ୍ୱୀକାରୋକ୍ତି ଏବଂ ଅନ୍ୟ ପକ୍ଷ ଦ୍ୱାରା ଏପରି ଘଟଣାକୁ ଅସ୍ୱୀକାର କରିବାର ମାମଲା । ଉଭୟ ପକ୍ଷ ଦ୍ୱାରା ପରୀକ୍ଷା କରାଯାଇଥିବା ସାକ୍ଷୀମାନଙ୍କ ପ୍ରମାଣରେ ଏପରି କିଛି ନାହିଁ ଯାହା ଗୋଟିଏ କାହାଣୀକୁ ସମ୍ପୂର୍ଣ୍ଣ ଗ୍ରହଣୀୟ ଏବଂ ଅନ୍ୟଟିକୁ ସ୍ୱାଭାବିକ ଭାବରେ ଅବିଶ୍ୱସନୀୟ କରିବ । ଅଭିଯୋଗ ଭ୍ରଷ୍ଟାଚାର ଜନିତ ହୋଇଥିବାରୁ ଏବଂ ଏଭଳି ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ଯୁକ୍ତିଯୁକ୍ତ ସନ୍ଦେହର ବହୁ ଉର୍ଦ୍ଧ୍ୱରେ ପ୍ରମାଣିତ କରିବା ଆବଶ୍ୟକ ହେଉଥିବାରୁ, ନଥିରେ ଥିବା ସାକ୍ଷ୍ୟ ପ୍ରମାଣକୁ ବିଚାର କଲେ, ଅଣାଯାଇଥିବା ଅଭିଯୋଗ ପ୍ରମାଣିତ ହୋଇପାରିବ ନାହିଁ । ତେଣୁ ଏହି ପ୍ରସଙ୍ଗ, ନିର୍ବାଚନ ଆବେଦନକାରୀଙ୍କ ବିରୋଧରେ ନିଷ୍ପତ୍ତି ହୋଇଛି ।"

7.5.2001 ତାରିଖର ତୃତୀୟ ବୈଠକ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟ ଏହିପରି ମତବ୍ୟକ୍ତ କରିଥିଲେ:

"11. ଯେହେତୁ ନିର୍ବାଚନ ଆବେଦନକାରୀଙ୍କ ପକ୍ଷରୁ ପରୀକ୍ଷା କରାଯାଇଥିବା ସାକ୍ଷୀମାନଙ୍କୁ ପକ୍ଷପାତୀ ଏବଂ ସେଥିପାଇଁ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ଯୁକ୍ତି କରାଯାଇଛି, ସେହି ସାକ୍ଷୀମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣକୁ ମଧ୍ୟ ଅସ୍ୱାଭାବିକ ବୋଲି ଆପତ୍ତି କରାଯାଇଛି । ପି. ଡବ୍ଲ୍ୟୁ. ୫ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ସ୍ୱୀକାରୋକ୍ତି ଅନୁଯାୟୀ ପି. ଡବ୍ଲ୍ୟୁ. 7 ତାଙ୍କର ନିରନ୍ତର ସହଯୋଗୀ ଅଟନ୍ତି । ଉଭୟ ସାକ୍ଷୀ, ବିହପୁରିଆ ବଜାରରେ ଅନୁଷ୍ଠିତ ବୈଠକ ଏବଂ ସେଥିରେ ଦିଆଯାଇଥିବା ଆପତ୍ତିଜନକ ଭାଷଣ ବିଷୟରେ କାହାକୁ ଜଣାଇନଥିଲେ ।ତେଣୁ ସେମାନଙ୍କର ବୟାନ, ବିଶ୍ୱାସଯୋଗ୍ୟ ନୁହେଁ ଏବଂ ଏହା ଉପରେ କୌଣସି ନିର୍ଭର କରାଯିବା ଉଚିତ ନୁହେଁ, ଏହା ନିର୍ବାଚିତ ପ୍ରାର୍ଥୀଙ୍କ ତରଫରୁ ଯୁକ୍ତି କରାଯାଇଛି ।

ନିର୍ବାଚିତ ପ୍ରାର୍ଥୀଙ୍କ ପକ୍ଷରୁ ପରୀକ୍ଷା କରାଯାଇଥିବା ସାକ୍ଷୀମାନଙ୍କ ସମ୍ବନ୍ଧରେ, ନିର୍ବାଚନ ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ଯୁକ୍ତି ବାଢ଼ିଛନ୍ତି ଯେ, ସେହି ସାକ୍ଷୀମାନଙ୍କ ନାମ ନିର୍ବାଚିତ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସାକ୍ଷୀମାନଙ୍କ ତାଲିକାରେ ନଥିଲା ଏବଂ ସେହି ତାଲିକାଟି ମଧ୍ୟ ବିଳମ୍ବରେ ଅର୍ଥାତ୍ 25.10.2001 ତାରିଖରେ ଦାଖଲ କରାଯାଇଥିଲା, ଯେତେବେଳେ କି ନିର୍ବାଚନ ଆବେଦନକାରୀଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇସାରିଥିଲା, ତେଣୁ ପି. ଡବ୍ଲ୍ୟୁ. 9 ଏବଂ ପି. ଡବ୍ଲ୍ୟୁ. 10 ଙ୍କ ବୟାନ ଉପରେ କୌଣସି ଗୁରୁତ୍ୱ ଦିଆଯିବା ଉଚିତ୍ ନୁହେଁ । ଉକ୍ତ ସାକ୍ଷୀମାନେ ନିଜେ ଅଦାଲତରେ ସାକ୍ଷୀ ଦେବାକୁ ଆସିଛନ୍ତି ଯାହା ସେମାନଙ୍କୁ ଅତ୍ୟନ୍ତ ସ୍ୱାର୍ଥାନ୍ୱେଷୀ ବୋଲି ପ୍ରମାଣିତ କରୁଛି ବୋଲି ଯୁକ୍ତି କରାଯାଇଛି । ଏହା ବ୍ୟତୀତ, ନିର୍ବାଚିତ ପ୍ରାର୍ଥୀ, ପି. ଡବ୍ଲ୍ୟୁ. 9 ଏବଂ ପି. ଡବ୍ଲ୍ୟୁ.10 ଙ୍କୁ ପରୀକ୍ଷା କରିବା ପାଇଁ ଆବେଦନ କରିବା ସମୟରେ ଯେଉଁ କାରଣ ଦର୍ଶାଇଥିଲେ ଯଥା: ଅସାବଧାନତା ବଶତଃ ପୂର୍ବରୁ ଦାଖଲ ହୋଇଥିବା ସାକ୍ଷୀମାନଙ୍କ ତାଲିକାରେ ସେମାନଙ୍କ ନାମ ଉଲ୍ଲେଖ କରାଯାଇ ପାରିନଥିଲା, ଯାହା ଭୁଲ୍ ଅଟେ, ଏହାର କାରଣ ହେଉଛି, ସେହି ଦୁଇ ସାକ୍ଷୀ ନିଜେ ବୟାନ ଦେଇଛନ୍ତି ଯେ ବିହପୁରିଆ ବଜାରରେ ଅନୁଷ୍ଠିତ ବୈଠକରେ କ'ଣ ଘଟିଥିଲା, ସେ ସମ୍ପର୍କରେ ସେମାନେ ବୟାନ ଦେବାର ମାତ୍ର ଏକ ସପ୍ତାହ ପୂର୍ବରୁ ହିଁ ବିଜୟୀ ପ୍ରାର୍ଥୀଙ୍କୁ ଜଣାଇଥିଲେ । ଯଦି ପି. ଡବ୍ଲ୍ୟୁ. 9 ଙ୍କ ସାକ୍ଷ୍ୟକୁ ଅଗ୍ରାହ୍ୟ କରାଯାଏ, ତେବେ ବିହପୁରିଆ ବଜାରରେ ଅନୁଷ୍ଠିତ ସଭା ଏବଂ ସେଠାରେ ଦିଆଯାଇଥିବା ଭାଷଣ ସମ୍ପର୍କରେ ନିର୍ବାଚନ ଆବେଦନକାରୀଙ୍କ ସାକ୍ଷ୍ୟ ଅଖଣ୍ଡନୀୟ ହୋଇ ରହିବ ବୋଲି ନିର୍ବାଚନ ଆବେଦନକାରୀଙ୍କ ବିଦ୍ୱାନ ଅଧିବକ୍ତା ଯୁକ୍ତି ବାଢ଼ିଛନ୍ତି ।"

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଏସ୍. ବି. ସାନ୍ୟାଲ୍ ଯୁକ୍ତି ବାଢ଼ିଥିଲେ ଯେ, ସାକ୍ଷ୍ୟ ପ୍ରମାଣର ମୂଲ୍ୟାୟନ କ୍ଷେତ୍ରରେ ଭୁଲ୍ ଆଇନଗତ ପରୀକ୍ଷଣ ପ୍ରୟୋଗ କରିଥିବାରୁ ଉଚ୍ଚ ନ୍ୟାୟାଳୟ ପୂର୍ବୋକ୍ତ ନିଷ୍କର୍ଷରେ ପହଞ୍ଚିବାରେ ଏକ ସ୍ପଷ୍ଟ ତ୍ରୁଟି କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ଅଧିବକ୍ତା ଯୁକ୍ତି ବାଢ଼ିଛନ୍ତି ଯେ, ସମନ୍ୱୟ ପରିଷଦର ସଭାପତିଙ୍କ ଭାଷଣର ବିଷୟବସ୍ତୁକୁ ପ୍ରମାଣିତ କରୁଥିବା 'ଆଜିର ଆସାମ' ଖବରକାଗଜରେ ପ୍ରକାଶିତ 19.4.200 ତାରିଖର ଖବରକୁ ଉଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିନାହାଁନ୍ତି, ଯେଉଁଠି ଉକ୍ତ ଭାଷଣରେ ବକ୍ତାମାନେ ମତଦାତାମାନଙ୍କୁ ଆବେଦନକାରୀ ଏବଂ ଶ୍ରୀ କେଶୋରାମ ବୋରୋ ଯେଉଁଠାରୁ ଏବଂ ଯେକୌଣସି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କଲେ ମଧ୍ୟ ସେମାନଙ୍କ ସପକ୍ଷରେ ମତଦାନ ନକରିବାକୁ କହିଥିଲେ । ଶ୍ରୀଯୁକ୍ତ ସାନ୍ୟାଲ ଯୁକ୍ତି କରିଛନ୍ତି ଯେ ଏପରି ଆବେଦନ ସ୍ପଷ୍ଟତଃ ଏକ ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କ ବିରୁଦ୍ଧରେ ବିଦ୍ୱେଷ ପ୍ରସାର କରିବା ପାଇଁ କରାଯାଇଥିଲା ଯାହା ଏକ ଭ୍ରଷ୍ଟାଚାର ଅଟେ ।ବୀରବଲ ସିଂ ବନାମ କେଦାର ନାଥ, [1976] 4 ଏସସିସି 691 ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତି ଉପରେ ନିର୍ଭର କରି, ଶ୍ରୀଯୁକ୍ତ ସାନ୍ୟାଲ ଯୁକ୍ତି କରିଛନ୍ତି ଯେ ଜଣେ ସାକ୍ଷୀ କୌଣସି ପକ୍ଷ ପ୍ରତି ଆଗ୍ରହୀ ବୋଲି କେବଳ ସେହି କାରଣରୁ ତାଙ୍କ ସାକ୍ଷ୍ୟକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ, କାରଣ କେତେକ ସାକ୍ଷୀ ସତ୍ୟ କହିବା ପ୍ରତି ମଧ୍ୟ ଆଗ୍ରହୀ ଥାଆନ୍ତି ।

ଭ୍ରଷ୍ଟାଚାର ଅଭିଯୋଗ, ଅଧିନିୟମର ଧାରା 123 (3) ଏବଂ 123 (3) (A) ରେ ଥିବା ବ୍ୟବସ୍ଥା ସହିତ ମେଳ ଖାଇବା ଆବଶ୍ୟକ । ଏହା ବିବାଦରେ ନାହିଁ ଯେ ଜନ ପ୍ରତିନିଧି ଅଧିନିୟମର ଧାରା 83 ବାଧ୍ୟତାମୂଳକ ପ୍ରକୃତିର ଅଟେ । ଏହା ନିଶ୍ଚିତ ଯେ ନିର୍ବାଚନ ଆବେଦନକାରୀ, ନିର୍ବାଚନ ଆବେଦନରେ ତାଙ୍କ ସୂଚନାର ଉତ୍ସକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରିବା ଆବଶ୍ୟକ ।

ଭ୍ରଷ୍ଟାଚାର ଅଭିଯୋଗକୁ ଗମ୍ଭୀରତାର ସହ ବିଚାର କରାଯାଉଛି । ସେଗୁଡିକୁ ଅର୍ଦ୍ଧ-ଅପରାଧିକ ପ୍ରକୃତିର ବୋଲି ବିବେଚନା କରାଯାଏ । ଭ୍ରଷ୍ଟାଚାର ପ୍ରମାଣ କରିବା ପାଇଁ ଆବଶ୍ୟକ ପ୍ରମାଣର ମାନଦଣ୍ଡ, ଏକ ଫୌଜଦାରୀ ମାମଲାରେ ଆବଶ୍ୟକ ପ୍ରମାଣର ମାନଦଣ୍ଡ ସହିତ ସମାନ । ତେବେ, ଏକ ନିର୍ବାଚନ ଆବେଦନ ଏବଂ ଏକ ଅପରାଧିକ ବିଚାର ମଧ୍ୟରେ ପାର୍ଥକ୍ୟ ହେଉଛି, ଯେତେବେଳେ ଜଣେ ଅଭିଯୁକ୍ତର ନୀରବ ରହିବାର ସ୍ୱାଧୀନତା ଅଛି, ଏକ ନିର୍ବାଚନ ଆବେଦନର ବିଚାର ସମୟରେ ନିର୍ବାଚିତ ପ୍ରାର୍ଥୀଙ୍କୁ ନ୍ୟାୟାଳୟରେ ନିଜର ପକ୍ଷ ରଖିବାକୁ ପଡିବ ଏବଂ ନ୍ୟାୟାଳୟଙ୍କୁ ସନ୍ତୁଷ୍ଟ କରିବାକୁ ପଡିବ ଯେ ସେ ଭ୍ରଷ୍ଟାଚାର କରିନାହାଁନ୍ତି ଯେପରି ଆବେଦନରେ ଅଭିଯୋଗ କରାଯାଇଛି । ନିର୍ବାଚନ ଆବେଦନକାରୀ, ନିର୍ବାଚିତ ପ୍ରାର୍ଥୀଙ୍କ ବିରୋଧରେ ଅଭିଯୋଗଗୁଡ଼ିକୁ ପ୍ରମାଣିତ କରିବା ପାଇଁ ଯଦି ପୁଙ୍ଖାନୁପୁଙ୍ଖ ଏବଂ ନିର୍ଭରଯୋଗ୍ୟ ପ୍ରମାଣ ଉପସ୍ଥାପନ କରନ୍ତି, ତେବେ କେବଳ ସେତେବେଳେ ତାଙ୍କ ଦାୟିତ୍ୱ ପୂରଣ ହୋଇଛି ବୋଲି କୁହାଯାଇପାରିବ । ଉକ୍ତ ଉଦ୍ଦେଶ୍ୟ ପାଇଁ, ଅଭିଯୋଗଗୁଡିକ ଯୁକ୍ତିଯୁକ୍ତ ସନ୍ଦେହ ବାହାରେ ପ୍ରମାଣିତ ହେବା ଆବଶ୍ୟକ ଏବଂ କେବଳ ଦେୱାନୀ କାର୍ଯ୍ୟାନୁଷ୍ଠାନ ପରି ସମ୍ଭାବନାର ପ୍ରାଧାନ୍ୟ ଦ୍ୱାରା ନୁହେଁ । (*ଗଜାନନ କୃଷ୍ଣାଜୀ ବାପଟ ଏବଂ ଅନ୍ୟଜଣେ ବନାମ ଦତ୍ତାଜୀ ରାଘୋବାଜୀ ମେଘେ ଏବଂ ଅନ୍ୟମାନେ,* ଏଆଇଆର୍ (1995) ଏସସି 2284, *ସୁରିନ୍ଦର ସିଂହ ବନାମ ସି. ହାର୍ଦିଆଲ୍ ସିଂହ ଏବଂ ଅନ୍ୟମାନେ,* [1985] 1 ଏସସିଆର୍ 1059, *ଆର.ପି. ମୋଇଦୁତ୍ତି ବନାମ ପି. ଟି. କୁଞ୍ଜୁ ମହମ୍ମଦ ଏବଂ ଅନ୍ୟଜଣେ,* [2001] 1 ଏସସିସି 481 ଏବଂ *ମର୍ସିକୁଟ୍ଟି ଆମ୍ମା ବନାମ କଦଭୂର ଶିବଦାସନ ଏବଂ ଅନ୍ୟଜଣେ,* (2003) ଏଆଇଆର୍ ଏସସିଡବ୍ଲ୍ୟୁ 6306 ମାମଲା ଦେଖନ୍ତୁ ।

ପ୍ରଥମ ବୈଠକ ସମ୍ବନ୍ଧରେ ତାଙ୍କ ଅଭିଯୋଗର ସମର୍ଥନରେ ଆବେଦନକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଇଥିବା ସାକ୍ଷୀମାନେ, ବିଶ୍ୱାସ ଯୋଗ୍ୟ ନୁହନ୍ତି ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦର୍ଶାଯାଇଥିଲା । ଯଦିଓ ସାକ୍ଷୀମାନେ ସ୍ୱୀକାର କରିଥିଲେ ଯେ ସେମାନେ ସ୍ଥାନୀୟ ବାସିନ୍ଦା ଅଟନ୍ତି ଏବଂ ସେମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ, କିନ୍ତୁ ସେମାନେ ସେଠାରେ ଉପସ୍ଥିତ ଥିବା କୌଣସି ବ୍ୟକ୍ତିଙ୍କୁ ଚିହ୍ନି ପାରିନଥିଲେ । ସ୍ୱୀକାରଯୋଗ୍ୟ ଯେ, ନିର୍ବାଚନ ଆବେଦନକାରୀଙ୍କ ଦ୍ୱାରା ଗାଁର କୌଣସି ସ୍ୱାଧୀନ ସାକ୍ଷୀଙ୍କୁ ପରୀକ୍ଷା କରାଯାଇ ନଥିଲା । ତଥାପି, ଉଚ୍ଚ ନ୍ୟାୟାଳୟ ଯଦିଓ ଏଠାରେ ପ୍ରଥମ ଉତ୍ତରଦାତାଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣର ପ୍ରକୃତିରେ ତ୍ରୁଟି ପାଇଥିଲେ, କିନ୍ତୁ ରାୟର ପାରା ୪ ରେ କରାଯାଇଥିବା ମନ୍ତବ୍ୟ ଅନୁଯାୟୀ ଏହା ଧରିନେବାକୁ ହେବ ଯେ, ଆବେଦନକାରୀ ନିଜର ପ୍ରମାଣ କରିବାର ଭାର ତୁଲାଇବାରେ ସମର୍ଥ ହୋଇନାହାନ୍ତି ।

ସାମ୍ପ୍ରଦାୟିକ ଆଧାରରେ ବିଦ୍ୱେଷ ପ୍ରସାର କରିବା ଏକ ଅପରାଧ ଅଟେ । ଏଠାରେ ଆବେଦନକାରୀ କୌଣସି ଏତଲା ରୁଜୁ କରିନଥିଲେ ।ପ୍ରଥମ ଉତ୍ତରଦାତା ଅନ୍ୟ କୌଣସି ସମ୍ପ୍ରଦାୟ ବା ଜାତିର ସଦସ୍ୟଙ୍କ ପ୍ରତି ବିଦ୍ୱେଷ ଭବ ପ୍ରସାର କରିଥିବା ନେଇ କୌଣସି ସମସାମୟିକ ଦଲିଲଭିତ୍ତିକ ପ୍ରମାଣକୁ ନଥିଭୁକ୍ତ କରାଯାଇନାହିଁ ।ଶ୍ରୀ ଯୁକ୍ତ ସାନ୍ୟାଲ ଯେଉଁ ଖବରକାଗଜର ବିଷୟବସ୍ତୁ ଉପରେ ନିର୍ଭର କରିଥିଲେ, ତାହା ସାମ୍ବାଦିକଙ୍କୁ ଜେରା କରି ପ୍ରମାଣିତ କରାଯାଇ ନଥିବାରୁ, କେବଳ ଖବରକାଗଜରେ ପ୍ରକାଶିତ ହୋଇଛି ବୋଲି ସାକ୍ଷୀଙ୍କ ବୟାନ ଆଧାରରେ ତାହା ଆଇନଗତ ଭାବେ ପ୍ରମାଣିତ ହୋଇପାରିବ ନାହିଁ । ତେଣୁ ଏହା ପ୍ରମାଣରେ ଗ୍ରହଣୀୟ ନଥିଲା ।

ଅନ୍ୟଥା, ଯେଉଁଭଳି ଭାବରେ କଥିତ ଭ୍ରଷ୍ଟାଚାର ହୋଇଥିବା ଦର୍ଶାଯାଇଛି, ତାହା ଆଦୌ ବିଶ୍ୱାସଯୋଗ୍ୟ ମନେହେଉ ନାହିଁ । ସାଧାରଣତଃ ଜଣେ ପ୍ରାର୍ଥୀ ଅନ୍ୟ ଜଣେ ପ୍ରାର୍ଥୀଙ୍କ ସମ୍ମୁଖରେ କୌଣସି ଅପରାଧ କରିବେ ନାହିଁ । ଏହା ମଧ୍ୟ ସମ୍ପୂର୍ଣ୍ଣ ଅସମ୍ଭବ ଯେ ଏଭଳି ବିବୃତ୍ତି ଖୋଲାଖୋଲି ଭାବେ ଦିଆଯାଇଛି । ଯଦିଓ ଏହା କରାଯାଇଥିଲା, ଏହା ମଧ୍ୟ ଆଶା କରାଯାଏ ଯେ ସ୍ୱାଧୀନ ସାକ୍ଷୀମାନେ ସତ୍ୟତା ପ୍ରମାଣ କରିବାକୁ ଆଗେଇ ଆସିବେ ।

*କ୍ୱାମରୁଲ୍ ଇସଲାମ ବନାମ ଏସ୍. କେ. କାନ୍ତା ଏବଂ ଅନ୍ୟମାନେ*, [1994] ଏସୟୁପିପି. 3 ଏସସିସି 5, ମାମଲାରେ ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ:

> "48. ଖବରକାଗଜରେ ପ୍ରକାଶିତ ବିବରଣୀମାନ, ଏହାର ବିଷୟବସ୍ତୁର ପ୍ରମାଣ ନୁହେଁ । ସେହି ଖବରଗୁଡ଼ିକ କେବଳ ଶୁଣା କଥା ଅଟେ । ଏଗୁଡ଼ିକୁ ପ୍ରମାଣ କରିବାକୁ ହେବ ଏବଂ ଏକ ଖବରକାଗଜରେ ପ୍ରକାଶିତ ଖବରକୁ ପ୍ରମାଣ କରିବାର ପଦ୍ଧତି ଭଲ ଭାବରେ ସ୍ଥିର ହୋଇଛି ।

1.5.200 ରେ ଅନୁଷ୍ଠିତ ବୈଠକ ସମ୍ପର୍କିତ ଅଭିଯୋଗଗୁଡ଼ିକ ବିଷୟରେ, ଉଚ୍ଚ ନ୍ୟାୟାଳୟ, ବୈଧ ଏବଂ ବଳିଷ୍ଠ କାରଣ ଦର୍ଶାଇ, ଆବେଦନକାରୀଙ୍କ ପକ୍ଷରୁ ପରୀକ୍ଷା କରାଯାଇଥିବା ସାକ୍ଷୀମାନଙ୍କ ସାକ୍ଷ୍ୟକୁ ଗ୍ରହଣ କରିନାହାନ୍ତି । ପି. ଡବ୍ଲ୍ୟୁ. 4 ଶ୍ରୀ କୁଶଳ ବରୁଆଙ୍କ ଜେରା ସମୟରେ ସଭାରେ କେବଳ ପି. ଡବ୍ଲ୍ୟୁ. 5 ଏବଂ ସାକ୍ଷୀ ନମ୍ବର ପି. ଡବ୍ଲ୍ୟୁ. 6 ଉପସ୍ଥିତ ଥିବା କଥା କହିପାରିଥିଲେ, ଯେହେତୁ ସେ ନିଜେ ସେହି ଗାଁର ଜଣେ ବାସିନ୍ଦା ଅଟନ୍ତି । ପି. ଡବ୍ଲ୍ୟୁ. 5 ଏବଂ ପି. ଡବ୍ଲ୍ୟୁ. 6 ଅନ୍ୟ ଏକ ଗାଁର ବୋଲି ସେମାନେ ସ୍ୱୀକାର କରିଛନ୍ତି ।ସେ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ ବୈଠକରେ କେବଳ ପ୍ରଥମ ଉତ୍ତରଦାତା ଭାଷଣ ଦେଇଥିଲେ । ପି. ଡବ୍ଲ୍ୟୁ. 5ର ପ୍ରମାଣକୁ ଏହି ଆଧାରରେ ବିଶ୍ୱାସ କରାଯାଇ ନଥିଲା ଯେ ସେ ଜଣେ ଅପ୍ରତ୍ୟାଶିତ ସାକ୍ଷୀ ଥିଲେ । ସେ ପୁଣି ପି. ଡବ୍ଲ୍ୟୁ. 4 ଙ୍କ ବୟାନର ବିରୋଧରେ କହିଥିଲେ ଯେ ପ୍ରଥମ ଉତ୍ତରଦାତାଙ୍କ ଦୁଇଜଣ ପ୍ରତିନିଧି ମଧ୍ୟ ଭାଷଣ ଦେଇଥିଲେ । ସେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ସେ ନିର୍ବାଚନ

ଆବେଦନକାରୀଙ୍କ ସମ୍ପର୍କୀୟ । ଉଚ୍ଚ ନ୍ୟାୟାଳୟ ଲକ୍ଷ୍ୟ କରିଛନ୍ତି ଯେ, ତାଲିକାଭୁକ୍ତ ସାକ୍ଷୀମାନଙ୍କ ମଧ୍ୟରୁ ଜଣେ, ଶ୍ରୀ ରାଇଡଙ୍ଗିଆ ନାମଘର, ସାକ୍ଷ୍ୟ ଦେଇ ନାହାଁନ୍ତି ଏବଂ ନିର୍ବାଚନ ଆବେଦନକାରୀଙ୍କ ପକ୍ଷରୁ ସାକ୍ଷ୍ୟ ଦେଇଥିବା ବ୍ୟକ୍ତିମାନେ କେବଳ ପରସ୍ପରକୁ ସଭାରେ ଉପସ୍ଥିତ ଥିବା ବ୍ୟକ୍ତି ଭାବେ ନାମିତ କରିଛନ୍ତି ଏବଂ ଅନ୍ୟକାହାକୁ ନୁହେଁ ।

7.5.2001 ତାରିଖର ତୃତୀୟ ବୈଠକ ସମ୍ବନ୍ଧରେ, ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ମାମଲା ଦୁଇଜଣ ସାକ୍ଷୀ, ଯଥା ପିଡ. ଡବ୍ଲ୍ୟୁ. 8 ଏବଂ ପିଡ. ଡବ୍ଲ୍ୟୁ. 7 ଙ୍କ ଉପରେ ନିର୍ଭର କରିଥିଲା । ସ୍ୱୀକାରଯୋଗ୍ୟ ଭାବରେ ପି. ଡବ୍ଲ୍ୟୁ. 8 ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଥିଲେ ଏବଂ ସ୍ୱୀକାରଯୋଗ୍ୟ ଭାବରେ ପି. ଡବ୍ଲ୍ୟୁ. 7 ତାଙ୍କର ନିରନ୍ତର ସହଯୋଗୀ ଥିଲେ । ଆବେଦନକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଇଥିବା ଅନ୍ୟ ସାକ୍ଷୀମାନଙ୍କ ନାମ, ଆବେଦନକାରୀଙ୍କ ଦ୍ୱାରା ପୂର୍ବରୁ ଦାଖଲ କରାଯାଇଥିବା ସାକ୍ଷୀମାନଙ୍କ ତାଲିକାରେ ନଥିଲା ।

*ବୀରବଲ ସିଂହ* (ଉପରୋକ୍ତ) ମାମଲାରେ, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଥିଲେ ଯେ ଆଗ୍ରହୀ ସାକ୍ଷୀମାନଙ୍କ କଥନର ମୂଲ୍ୟାଙ୍କନ କରିବା ସମୟରେ ନ୍ୟାୟାଳୟ ସତର୍କ ରହିବା ଉଚିତ, ଏବଂ ମତବ୍ୟକ୍ତ କରିଥିଲେ ଯେ ସେମାନଙ୍କୁ କଠୋର ଯାଞ୍ଚ କରାଯିବା ଆବଶ୍ୟକ ।

ଏହି ନ୍ୟାୟାଳୟ କୌଣସି ଅନିଶ୍ଚିତ ସର୍ତ୍ତରେ କହିଥିଲେ ଯେ ଏକ ନିର୍ଦ୍ଦିଷ୍ଟ ମାମଲାରେ ନ୍ୟାୟାଳୟ ସେହି ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବାରେ ନ୍ୟାୟସଙ୍ଗତ ହେବେ ଯେ ପର୍ଯ୍ୟନ୍ତ ଏହା ଏକ ସ୍ୱାଧୀନ ଉତ୍ସରୁ ନିଶ୍ଚିତ ହୋଇନାହିଁ । ଉକ୍ତ ପରୀକ୍ଷଣକୁ ପ୍ରୟୋଗ କରି, ପି. ଡବ୍ଲ୍ୟୁ. 7 ଏବଂ ପି. ଡବ୍ଲ୍ୟୁ. 8 ଙ୍କ ସାକ୍ଷ୍ୟକୁ ବିଶ୍ୱାସ କରାଯାଇପାରିବ ନାହିଁ ।

ଉଚ୍ଚ ନ୍ୟାୟାଳୟ ନିଜେ ଉକ୍ତ ସାକ୍ଷୀମାନଙ୍କୁ ଅବିଶ୍ୱାସ କରୁଥିବାବେଳେ ଲକ୍ଷ୍ୟ କରିଥିଲେ ଯେ ସେମାନେ ବିହପୁରିଆ ବଜାରରେ ଅନୁଷ୍ଠିତ ବୈଠକ ଏବଂ ସେଥିରେ ଦିଆଯାଇଥିବା ଆପତ୍ତିଜନକ ଭାଷଣ ବିଷୟରେ କାହାକୁ ଜଣାଇନଥିଲେ ।ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ, *ବିରବଲ ସିଂହ* (ଉପରୋକ୍ତ) ମାମଲାରେ ଏହି ଅଦାଲତ ଦ୍ୱାରା ନିର୍ଦ୍ଧାରିତ ଆଇନଗତ ପରୀକ୍ଷଣ ସହିତ ସୁସଂଗତ ଅଟେ ।

ନଥିରେ ଥିବା ତଥ୍ୟକୁ ବିଶ୍ଳେଷଣ କରିବା ପରେ, ଏହା ସ୍ପଷ୍ଟ ଯେ ଆବେଦନକାରୀ ସ୍ପଷ୍ଟ ପ୍ରମାଣ ଉପସ୍ଥାପନ କରି ଏଠାରେ ପ୍ରଥମ ଉତ୍ତରଦାତାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ପ୍ରମାଣ କରିବାରେ ସକ୍ଷମ ହୋଇନଥିଲେ ଯାହାକୁ ସମ୍ପୂର୍ଣ୍ଣ ବିଶ୍ୱସନୀୟ ଏବଂ ନିର୍ଭରଯୋଗ୍ୟ ବୋଲି କୁହାଯାଇପାରେ । ଭ୍ରଷ୍ଟାଚାର ଅଭିଯୋଗକୁ ସନ୍ଦେହାତୀତ ଭାବରେ ପ୍ରମାଣିତ ହେବାର ଆବଶ୍ୟକତା ଥିଲା ଯେଉଁଥିରେ ପ୍ରଥମ ଉତ୍ତରଦାତା ତାହା କରିବାରେ ବିଫଳ ହୋଇଥିଲେ ।

ଭ୍ରଷ୍ଟାଚାରକୁ ଜନ ପ୍ରତିନିଧି ଅଧିନିୟମର ଧାରା 83 ଅନୁଯାୟୀ ଦୃଢ ଭାବରେ ଉପସ୍ଥାପନ କରାଯିବା ଉଚିତ ଏବଂ ତାହା ସମସ୍ତ ଯଥୋଚିତ ସନ୍ଦେହ ବାହାରେ ପ୍ରମାଣିତ ହେବା ଉଚିତ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଆମର ମତରେ, ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ତ୍ରୁଟିପୂର୍ଣ୍ଣ କୁହାଯାଇପାରିବ ନାହିଁ ।

ତେଣୁ ଏହି ଆବେଦନରେ କୌଣସି ଯୋଗ୍ୟତା ନଥିବାରୁ ଖାରଜ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଏନ୍. ଜେ. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।